# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**28 February – 2025**

## ଜେ.ପି.ନଡ୍ଡା– ଓଡ଼ିଶା ଗସ୍ତ

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଆଜି ପୁରୀରେ ନବମ ଜାତୀୟ ଶିଖର ସମ୍ମିଳନୀରେ ଯୋଗଦେବା ସହ ସ୍ୱାସ୍ଥ୍ୟ ମିଶନର ୧୬ତମ ସାଧାରଣ ସମୀକ୍ଷା ରିପୋର୍ଟକୁ ଲୋକାର୍ପଣ କରିବେ । ଏହା ପରେ ଶ୍ରୀ ନଡ୍ଡା ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପରେ ଭୁବନେଶ୍ୱର ଫେରି ରାଜ୍ୟ ଅତିଥି ଭବନରେ ଦଳୀୟ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଜନସ୍ୱାସ୍ଥ୍ୟ ସେବା ପ୍ରଣାଳୀରେ ଉତ୍ତମ ଓ ଅନୁକରଣୀୟ ଅଭ୍ୟାସ ଏବଂ ନବୋନ୍ମେଷ ଉପରେ ଏହି ସମ୍ମିଳନୀ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଯୋଗଦେବେ ।

## ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ମାସ ୩ ତାରିଖ ସୋମବାର ଦିନ ୟୁନିଟ୍-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ

ପ୍ରକୋଷ୍ଠରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଆଜି ଦିନ ୧୧ଟାରୁ ଆରମ୍ଭ ହେବ ଏବଂ ସର୍ବାଧିକ ଏକହଜାର ଜଣ ପଞ୍ଜୀକରଣ କରିପାରିବେ । ଏଥିପାଇଁ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ  ପଞ୍ଜୀକରଣ କରିପାରିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ଖର୍ଚ୍ଚ ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ବିଭିନ୍ନ ବିଭାଗର ଖର୍ଚ୍ଚ ସମୀକ୍ଷା କରିଛନ୍ତି । ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ସମୁଦାୟ ଖର୍ଚ୍ଚ ଅନ୍ୟୂନ ୮୫ ପ୍ରତିଶତ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି । ଗତକାଲି ସମୀକ୍ଷା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଚଳିତବର୍ଷ ନିର୍ବାଚନ, ନୂଆ ସରକାରଙ୍କ ଦାୟିତ୍ୱ ଗ୍ରହଣ ଏବଂ ସଂପୂର୍ଣ୍ଣ ବଜେଟ୍ ସେପ୍ଟେମ୍ବର ମାସରେ ହୋଇଥିବାରୁ ଖର୍ଚ୍ଚ ହେବାରେ ସମସ୍ୟା ରହିଥିଲା । ତେବେ ଆଉ ଗୋଟିଏମାସ ସମୟର ଉପଯୋଗ କରି ବଜେଟ୍‌ର ଅନ୍ୟୂନ ୮୫ ପ୍ରତିଶତ ଖର୍ଚ୍ଚ କରିବାକୁ ସେ କହିଛନ୍ତି । ସୂଚନାଯୋଗ୍ୟ ୨୦୨୩-୨୪ ଆର୍ଥିକ ବର୍ଷରେ ସମୁଦାୟ ଖର୍ଚ୍ଚ ପରିମାଣ ମୋଟ୍ ବଜେଟ୍‌ର ୮୧ ପ୍ରତିଶତ ରହିଥିଲା ।

# କନ୍ଧମାଳ ପୁଞ୍ଜି ନିବେଶ

କନ୍ଧମାଳ ଜିଲ୍ଲାର ସାମଗ୍ରିକ ବିକାଶ ନେଇ ଦାରିଂବାଡ଼ିର ଇକୋରିଟ୍ରିଟ୍ ଠାରେ ଦୁଇଦିନିଆ 'ଇନ୍‌ଭେଷ୍ଟ୍ କନ୍ଧମାଳ୨୦୨୫' ସମ୍ମିଳନୀ ଉଦ୍‌ଘାଟିତ ହୋଇଛି । ସମ୍ମିଳନୀରେ ପ୍ରାୟ ୮୦ ଜଣ ପୁଞ୍ଜି ନିବେଶକାରୀ ଯୋଗ ଦେଇଛନ୍ତି । ଜିଲ୍ଲାରେ ପ୍ରଥମଥର ପାଇଁ ଏଭଳି ପୁଞ୍ଜି ନିବେଶ ସମ୍ମିଳନୀ ଆୟୋଜିତ ହେବା ଦ୍ୱାରା ଜିଲ୍ଲାର ସାମୂହିକ ବିକାଶ ହେବ ଓ ସ୍ଥାନୀୟ ଜନସାଧାରଣ ମଧ୍ୟ ଉପକୃତ ହେବେ ବୋଲି ସାଂସଦ ସୁକାନ୍ତ ପାଣିଗ୍ରାହୀ କହିଛନ୍ତି ।

**V/O**

## ଜାତୀୟ ବିଜ୍ଞାନ ଦିବସ

ଜାତୀୟ ବିଜ୍ଞାନ ଦିବସ ଆଜି ପାଳନ କରାଯିବ। ଖ୍ୟାତନାମା ଭାରତୀୟ ପଦାର୍ଥ ବିଜ୍ଞାନୀ ସାର୍ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଦ୍ୱାରା ୨୮ ଫେବୃଆରୀ, ୧୯୨୮ ମସିହାରେ ଆବିଷ୍କୃତ ରମଣ ପ୍ରଭାବକୁ ଚିହ୍ନିତ କରିବା ଉଦ୍ଦେଶ୍ୟ ନେଇ ୧୯୮୭ ମସିହାରୁ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଆସୁଛି। ଚଳିତ ବର୍ଷ ଏହାର ପ୍ରସଙ୍ଗ ରହିଛି **ବିକଶିତ ଭାରତ ପାଇଁ ବିଜ୍ଞାନ ଓ ନବୋନ୍ମେଷରେ ବୈଶ୍ୱିକ ନେତୃତ୍ୱ ଲାଗି ଭାରତୀୟ ଯୁବ ପିଢ଼ିଙ୍କୁ ସଶକ୍ତ କରିବା ।** ରମଣ ପ୍ରଭାବ ଆବିଷ୍କାର ପାଇଁ ସାର୍ ସି.ଭି.ରମଣଙ୍କୁ ନୋବେଲ ପୁରସ୍କାର ମିଳିଥିଲା।

ଲୋକମାନଙ୍କର ଦୈନନ୍ଦୀନ ଜୀବନରେ ଉପଯୋଗ ହେଉଥିବା ବିଜ୍ଞାନର ଗୁରୁତ୍ୱ ପ୍ରସାରର ବାର୍ତ୍ତାବହନ କରି ପ୍ରତିବର୍ଷ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଥାଏ ।

## ଉତ୍ତମ ମହାନ୍ତିଙ୍କ ପରଲୋକ

ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କର ପରଲୋକ ହୋଇଯାଇଛି । ଗୁରୁଗାଓଁର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି । କିଛି ମାସ ହେବ ସେ ଲିଭର୍ ସିରୋସିସ୍ ରୋଗରେ ପୀଡ଼ିତ ଥିଲେ । ୧୯୫୮ ମସିହା ଡିସେମ୍ବର ୨୩ ତାରିଖରେ ସେ ମୟୂରଭଞ୍ଜର ବାରିପଦାଠାରେ  ଜନ୍ମ ଗ୍ରହଣ କରିଥିଲେ । ସେ ଶତାଧିକ ଓଡ଼ିଆ ଚଳଚ୍ଚିତ୍ର ସହ ହିନ୍ଦୀ ଓ ବଙ୍ଗଳା ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଥିଲେ ।  ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସହ ଜୟଦେବ ପୁରସ୍କାର ଆଦି ବିଭିନ୍ନ ସମ୍ମାନରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ୧୯୭୭ ମସିହାରେ 'ଅଭିମାନ' ଚଳଚ୍ଚିତ୍ରରୁ ଅଭିନୟ କ୍ଷେତ୍ରକୁ ସେ ପଦାର୍ପଣ କରିଥିଲେ । ଦଣ୍ଡାବାଳୁଙ୍ଗା, ରାମାୟଣ, ଫୁଲଚନ୍ଦନ, ଝିଅଟି ସୀତାପରି, ଉଦଣ୍ଡୀ ସୀତା, ସୁନା ଚଢ଼େଇ ଆଦି ଏକାଧିକ ଲୋକପ୍ରିୟ ଚଳଚ୍ଚିତ୍ରରେ ସହ ବିଭିନ୍ନ ଧାରାବାହିକରେ ସେ ଅଭିନୟ କରିଥିଲେ । ଉତ୍ତମ ମହାନ୍ତିଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ

ଶୋକ ପ୍ରକାଶ କରିଛନ୍ତି । ତାଙ୍କ ବିୟୋଗ ଓଡ଼ିଆ କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଦର୍ଶାଇବା ସହ ଶେଷକୃତ୍ୟ ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସଂପନ୍ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ ଆଜି ତାଙ୍କର ପାର୍ଥିବ  ଶରୀର ଭୁବନେଶ୍ୱର ପହଞ୍ଚିବା ପରେ ଶେଷକୃତ୍ୟ ସଂପନ୍ନ ହେବ ।

## ମୁଖ୍ୟମନ୍ତ୍ରୀ– ସୁଭଦ୍ରା ଯୋଜନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ମାର୍ଚ୍ଚ ୮ ତାରିଖରେ ଗଞ୍ଜାମ ଗସ୍ତରେ ଯାଇ ସୁଭଦ୍ରା ଯୋଜନାର ପ୍ରଥମ ପର୍ଯ୍ୟାୟର ଶେଷ ଓ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ କିସ୍ତି ପ୍ରଦାନ କରିବେ ।  ଏହା ସହିତ ମୁଖ୍ୟମନ୍ତ୍ରୀ ଜିଲ୍ଲାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

## ଫୁଟ୍‌ବଲ

ଚଳିତ ଆଇଏସ୍‌ଏଲ୍‌ରେ ଆଜି ଓଡ଼ିଶା ଫୁଟ୍‌ବଲ୍ କ୍ଲବ୍ ତା’ର ଶେଷ ଘରୋଇ ମ୍ୟାଚ୍ ଖେଳିବ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆଜି ସନ୍ଧ୍ୟା ସାଢ଼େ୭ଟାରେ ଓଡ଼ିଶା ଏଫ୍‌ସି ଓ ମହମ୍ମଡାନ୍ ଏଫ୍‌ସି ମଧ୍ୟରେ ମ୍ୟାଚ୍ ଖେଳାଯିବ । ଏଥିରେ ବିଜୟୀ ହୋଇ ଓଡ଼ିଶା ଏଫ୍‌ସି ପ୍ଲେ ଅଫ୍‌ରେ ପ୍ରବେଶ ପାଇଁ ଆଶାବାଦୀ ରହିଛି ।

..........................................................................